ଓଡ଼ିଶା ଡ଼ଟ୍ କମ୍
odisha.com
World's first and only 24x7 Oriya news portal

amazon.com and you're done.
Privacy Information
Champion 6.1 oz Cotton Tagless T-shi...
LOW SHEARLING BOOT

Saturday, Jan 26, 2008

ARCHIVE S M T W T F S MORE

ପ୍ରଚ୍ଛଦ

ସୂଚୀ

- ଓଡ଼ିଶା ଖବର
- ପରିବେଶ
- ବିଜ୍ଞାନ
- ଶିକ୍ଷା
- ନାରୀ
- ପ୍ରବାସୀ ଓଡ଼ିଆ
- ବାଣିଜ୍ୟ ବ୍ୟବସାୟ
- ସ୍ୱାସ୍ଥ୍ୟ
- ଜିଲ୍ଲା ଖବର
- ରାଜନୀତି
- ଅପରାଧ
- ଧର୍ମ
- କଳା
- କ୍ୟାଲେଣ୍ଡର
- ସୂଚନା ଓ ପ୍ରଯୁକ୍ତି

ଅନ୍ୟାନ୍ୟ [+]

ବିଶେଷ ସ୍ତମ୍ଭ [+]

ଛବି [+]

**ମଇ ୧୦,୨୦୦୭ ଗୁରୁବାର**

Font Problem Click here

## ଓଡିଶାରେ ଆଇଆଇଟି ପ୍ରତିଷ୍ଠା ପାଇଁ ଆନ୍ଦୋଳନ ତେଜିଲା

ଓଡିଶା ଡଟ୍ କମ୍ ସମ୍ବାଦଦାତା

ଭୁବନେଶ୍ୱର, ମଇ ୧୦(ଓଡିଶା ଡଟ୍ କମ୍): ଓଡିଶାରେ ଏକ ଆଇଆଇଟି ପ୍ରତିଷ୍ଠା ଦିଗରେ କେନ୍ଦ୍ରସରକାରଙ୍କ ବୈମାତୃକ ଭାବ ବିରୋଧରେ ରାଜଭବନ ସମ୍ମୁଖରେ ଗୁରବାର ଶତାଧିକ ବିଜେପି କର୍ମୀ ଧାରଣା ଦେଇଥିବା ଦଳର ଜଣେ ନେତା କହିଛନ୍ତି ।



ସେହିପରି ଶତାଧିକ ସ୍କୁଲ ଛାତ୍ରଛାତ୍ରୀଙ୍କ ସହ ସେମାନଙ୍କ ଅଭିଭାବକମାନେ ବୁଧବାର ଗୋଟିଏ ପ୍ରାଚୀରପତ୍ରରେ ସାକ୍ଷର କରିଥିବା ଜଣେ ଛାତ୍ର ଗୁରବାର କହିଛନ୍ତି ।

କିଟ୍ ବିଶ୍ୱ ବିଦ୍ୟାଳୟ ଛାତ୍ର ଦେବୀପ୍ରସାଦ ଦାଶଙ୍କ ନେତୃତ୍ୱରେ ଭୁବନେଶ୍ୱରର ପଟିଆସ୍ଥିତ ରତୁପଲ୍ଲୀ ବିଦ୍ୟାପୀଠର ଶତାଧିକ ଛାତ୍ରଛାତ୍ରୀ ଓ ତାଙ୍କ ଅଭିଭାବକମାନେ 'ଉଇ ୱା ଆଇଆଇଟି ଇନ ଓଡିଶା' ନାମକ ଏକ ପ୍ରାଚୀର ପତ୍ରରେ ସାକ୍ଷର କରିବା ସହ ଏହାକୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ବିଭିନ୍ନ ଗଣମାଧ୍ୟମକୁ ପଠାଇବାକୁ ଚିନ୍ତା କରୁଛନ୍ତି ।

'ଓଡିଶାରେ ପ୍ରଥମେ ଆଇଆଇଟି ପ୍ରତିଷ୍ଠାର ପ୍ରତିଶ୍ରୁତି ଦେଇ ପରେ ସେଥିରୁ କେନ୍ଦ୍ର ସରକାର ଓହରି ଯାଇଛନ୍ତି । ଓଡିଶାର ପ୍ରଗତି ସହ ସରକାର ଖେଳ ଖେଳୁଛନ୍ତି' ଜଣେ ଛାତ୍ର କହିଛନ୍ତି ।

'ଓଡିଶା ସବୁ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଉପେକ୍ଷାର ଶିକାର ହେଉଛି । ତେଣୁ ଓଡିଶାରେ ଏକ ଆଇଆଇଟି ପ୍ରତିଷ୍ଠା ଦାବି କରି ଆମେ ଛାତ୍ରମାନେ ଏହି ଆନ୍ଦୋଳନ ଆରମ୍ଭ କରିଛୁ । ଏହା ଆମ ଆନ୍ଦୋଳନର ପ୍ରଥମ ପାହାଚ'

'ସ୍ୱାଧୀନତା ଆନ୍ଦୋଳନରେ ଛାତ୍ର ବିପ୍ଳବ ଭଳି ଏବେ ମଧ୍ୟ ହଜାର ହଜାର ଛାତ୍ରଛାତ୍ରୀ ନିଜ ଜନ୍ମମାଟିର ଉନ୍ନତି ପାଇଁ ରାସ୍ତାକୁ ଓହ୍ଲାଇବା ପ୍ରସ୍ତୁତ ଅଛନ୍ତି' ଆବାହକ ଦେବୀ ପ୍ରସାଦ ଦାଶ ଓଡିଶା ଡଟ୍ କମ୍‌କୁ କହିଛନ୍ତି ।

ନିକଟ ଭବିଷ୍ୟତରେ ଅତି କମ୍‌ରେ ଏକ ଶହରୁ ଉର୍ଦ୍ଧ୍ୱ ବିଦ୍ୟାଳୟର ପିଲାମାନେ ଏହି ପ୍ରାଚୀରପତ୍ରରେ ସାକ୍ଷର କରିବେ ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ, ଓଡିଶାରେ ଆଇଆଇଟି ପ୍ରତିଷ୍ଠା ପାଇଁ ରାଜ୍ୟବ୍ୟାପୀ ଦାବି ହେଉଥିବାବେଳେ ଏପରି କୌଣସି ଯୋଜନା ନଥିବା ବିଭାଗୀୟ ମନ୍ତ୍ରୀ କହିବା ପରେ ବୁଧବାର ଓଡିଶାର

India Business Directory
Ahmedabad
Bangalore
Chennai
Delhi /NCR
Hyderabad
Kolkata
Mumbai
Pune
Sulekha.com Yellow Pages

Traffic Rank
odisha.com
119,980
Powered by Alexa

amazon.com
Books
Click here
Privacy Information

monster

Deutsche Post World Net
LESERSERVICE

ଓଡ଼ିଶା ଡ଼ଟ୍ କମ୍ [+]

ସାଂସଦମାନେ ସଂସଦ ସମ୍ମୁଖରେ ଧାରଣା ଦେଇଥିଲେ ।

ଓଡ଼ିଶା ଡ଼ଟ୍ କମ୍

---

ବିଶେଷ [+]

Contact address: info@odisha.com , odisha@rediffmail.com
Copy right 2004-2009 odisha.com, All rights reserved
**Publisher & Owner: JATINDRA DASH**
**Editor: Prasanta Patnaik**
ଓଡ଼ିଶା ଡ଼ଟ୍ କମ୍ର ଘୋଷଣାନାମା